# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 June – 2025

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ବିମାନ ସେବା କ୍ଷେତ୍ରରେ ସାମିଲ ଥିବା ୮ଟି ବୋଇଙ୍ଗ୍ - ୭୮୭ ବିମାନର ଜରୁରୀକାଳୀନ ଯାଞ୍ଚ ଶେଷ; କହିଲେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ
- ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିପାଳନ ଅବସରରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରଠାରେ ଏକ ରୋଡ୍ ସୋ'ରେ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସୂଚନା
- ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଝାଡ଼ାବାନ୍ତି ବ୍ୟାପିବା ନେଇ ସୂଚନା ଦେଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର

ଏବଂ

- ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରା ସୁପରିଚାଳନା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଦଇତାପତି ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

# ନାଇଡୁ-ଅହମ୍ମଦାବାଦ ପ୍ଲେନ୍ କ୍ରାସ୍

ଭାରତୀୟ ବିମାନ ସେବା କ୍ଷେତ୍ରରେ ସାମିଲ ଥିବା ୩୪ଟି ବୋଇଂ ୭୮୭ ବିମାନର ବିସ୍ତୃତ ତଦାରଖ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କେନ୍ଦ୍ର ବିଭାଗୀୟ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଇତିମଧ୍ୟରେ ୮ଟିର ତୁରନ୍ତ ଜରୁରୀକାଳୀନ ଯାଞ୍ଚ୍ କରାଯାଇ ସାରିଛି । ଯାଞ୍ଚ୍ ପାଇଁ ସ୍ୱରାଷ୍ଟ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି । ଦୁର୍ଘଟଣା ପରେ  ତୁରନ୍ତ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ସେଠାରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ । ଏହି ବ୍ୟୁରୋ ବିମାନର ବ୍ଲାକ୍ ବକ୍ସକୁ ଉଦ୍ଧାର କରିଛି । ଇତିମଧ୍ୟରେ ଡି.ଏନ୍.ଏ. ପରୀକ୍ଷା କାର୍ଯ୍ୟ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ।

ଡି.ଏନ୍.ଏ. ପରୀକ୍ଷା ରିପୋର୍ଟ୍ ଆଧାରରେ  ୯ଟି ମୃତ ଶରୀରକୁ ଇତିମଧ୍ୟରେ ଚିହ୍ନଟ କରାଯାଇଛି । ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ର ଉପ-ଅଧିକ୍ଷକ ରଜିନିସ୍ ପଟେଲ୍ ଗଣମାଧ୍ୟମକୁ କହିଛନ୍ତି, ଏହି ଚିହ୍ନିତ ମୃତ ଦେହଗୁଡ଼ିକୁ ସେମାନଙ୍କର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ହସ୍ପିଟାଲ୍‌ରେ ୮ ଜଣ ଆହତଙ୍କର ଚିକିତ୍ସା ଚାଲିଛି ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବା ସେ ସୂଚନା ଦେଇଛନ୍ତି । ଏହି ଦୁର୍ଘଟଣାରେ ଯାତ୍ରୀ ଏବଂ ବିମାନ କର୍ମଚାରୀ, ଡାକ୍ତରୀ

ଛାତ୍ର ଓ ସ୍ଥାନୀୟ ବାସିନ୍ଦାଙ୍କୁ ମିଶାଇ ୨୫୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

***Desk***

## ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି

ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଶ୍ରୀ ନାୟକ କହିଛନ୍ତି, ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିବେ । ଏହାପରେ ସାଧାରଣ ସଭାକୁ ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି...

**- V/O -**

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ରିପୋର୍ଟ, ପ୍ରାମାଣିକ ଚଳଚ୍ଚିତ୍ର ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି ।

***Desk***

## ଯୋଗ ଦିବସ

ଯୋଗ ବିଶ୍ୱ ଶାନ୍ତି ପାଇଁ ମାନବତାକୁ ଭାରତର ଏକ ଅନନ୍ୟ ଅବଦାନ ବୋଲି ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'ର

ବାର୍ତ୍ତା ନେଇ  ଆୟୋଜିତ ବିଶ୍ୱ ଯୋଗ ସମ୍ମିଳନୀ 'ଯୋଗ ସଙ୍ଗମ'ରେ ଯୋଗଦେଇ ଶ୍ରୀ ଯାଦବ କହିଛନ୍ତି, ଯୋଗ ବିଶ୍ୱ କଲ୍ୟାଣ ଦିଗରେ ଭାରତର ଆକାଂକ୍ଷାର ପ୍ରତିନିଧିତ୍ୱ କରେ। ଯୋଗ କୌଣସି ପ୍ରତିବନ୍ଧକ ରଖେ ନାହିଁ। ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଯୋଗ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଆଜିର ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ସ୍ୱରୂପ ଏହି ସମ୍ମିଳନୀରେ ୧ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ।

***Kendrapara/Nabarnagpur***

## ବିକାଶ ମେଳା

କେନ୍ଦ୍ର ସରକରାଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାରେ ବିକାଶମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମଣ୍ଡେଇ ପଡ଼ିଆଠାରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକାଶମେଳାରେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଲୋକସଭା ସଦସ୍ୟ ବଳଭଦ୍ର ମାଝୀ ଏବଂ ସ୍ଥାନୀୟ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିବାସହ ଏହାର ସୁଫଳ ତୃଣମୂଳ ସ୍ତରରେ ପହଁଞ୍ଚାଇବା ନେଇ ରାଜ୍ୟ ସରକାର

ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ଏବଂ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ବଳିପାଳ ପଞ୍ଚାୟତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକଙ୍କ ଆହ୍ୱାନରେ 'ବିକଶିତ ଭାରତର ସଂକଳ୍ପ' ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟକ ନୀଳକଣ୍ଠେଶ୍ୱର ପାର୍କକୁ ଲୋକାର୍ପିତ କରିଥିଲେ ।

***Jajpur***

## ଯାଜପୁର- ଝାଡ଼ାବାନ୍ତି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ମଧ୍ୟ ଝାଡ଼ାବାନ୍ତି ରୋଗ ଦେଖା ଦେଇଛି । କଟକ ସଦରର ଝିଙ୍କିରିଆ ଗ୍ରାମ ପଞ୍ଚାୟତରେ ମଧ୍ୟ କିଛି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆସନ୍ତାକାଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଘଟଣାସ୍ଥଳକୁ ଯିବେ ବୋଲି ସେ ସୂଚନା ଦେଇଛନ୍ତି ।

ଯାଜପୁର ଜିଲ୍ଲାରେ ରୋଗର ପ୍ରାଦୁର୍ଭାବ କ୍ରମଶଃ ସୁଧୁରୁଥିବା ଆମ ସମ୍ବାଦଦାତା କହିଛନ୍ତି । ରୋଗର କାରଣ ଓ ନିରାକରଣ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି ।

**- V/O - (Priya Ranjan Kar)**

ଅନ୍ୟପକ୍ଷରେ ଆଜି ନ୍ୟାସନାଲ ହେଲ୍ଥ ମିଶନର ପରିଚାଳନା ନିର୍ଦ୍ଦେଶକ ବୃନ୍ଦା ଡି'ଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଦଳ ଯାଜପୁର ଜିଲ୍ଲା ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି...

**- V/O –**

***Puri***

## ରଥଯାତ୍ରା ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଦଇତାପତି ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ବ୍ୟବସ୍ଥାବଳୀକୁ ଅନୁପାଳନ କରିବା ସହ ପହଣ୍ଡିରେ ଉତ୍ତମ ସମନ୍ୱୟ ନେଇ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଗତ ବର୍ଷ ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ଅଘଟଣ ହୋଇଥିବା ଘଟଣା ଯେପରି ଚଳିତ ବର୍ଷ ପୁନରାବୃତ୍ତି ନହୁଏ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। କେବଳ ନୀତି ସମ୍ପର୍କିତ ସେବାୟତ ପହଣ୍ଡି ସମୟରେ ରଥ ଉପରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

*Rayagada*

## ବିକାଶ ମେଳା

ରାଜ୍ୟ ସରକାରଙ୍କ ବିକାଶ ରଥର ଆଜି ତୃତୀୟ ଦିନରେ  ରାୟଗଡ଼ା ବ୍ଲକର ମାଟିକଣା, କତାପେଟା ଓ କୁମୁଟିପେଣ୍ଟ ଗ୍ରାମ ପଞ୍ଚାୟତଠାରେ ଆଜି ବିକାଶମେଳା ଅନୁଷ୍ଠିତ ହୋଇଛି । ସୁଷମ ଓ ପାରମ୍ପରିକ ଖାଦ୍ୟର ପସରା ସହିତ ଏହି ରଥ ଭ୍ରମଣ କରୁଛି । ବାହନ ନିକଟରେ ଅନ୍ତୋଦ୍ୱୟ ଗୃହ ଯୋଜନାର କାର୍ଯ୍ୟାଦେଶ, ମନରେଗା ଜବକାର୍ଡ, ହିତାଧିକାରୀଙ୍କୁ ନୂତନ ରାସନକାର୍ଡ, ସି.ଏମ୍. କିଶାନ କାର୍ଡ, ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ଆଧାର ପଞ୍ଜୀକରଣ ଆଦି ପ୍ରଦର୍ଶିତ କରାଯାଇଛି ।

*DHNKL*

## ସନ୍ତରଣ ପରୀକ୍ଷଣ ଶିବିର

ରାଜ୍ୟ ପ୍ରାକୃତିକ ବିର୍ପ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ଜରୁରୀକାଳନୀ ବିଭାଗ- ଓ.ଏସ୍.ଏ.ପି. ପ୍ରଥମ ବାଟାଲିଅନ ଓ ଓଡ୍ରାଫ୍ ୟୁନିଟ୍‌ର ମିଳିତ ସହଭାଗିତାରେ ଯତନ ନଗର ସତ୍ୟସାଗର ୱାଟର ପାର୍କଠାରେ ଦ୍ୱିତୀୟ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି । ଏହି ଶିବିର ବିଭିନ୍ନ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି ।

*Desk*

# ରଜ ପର୍ବ

ରାଜ୍ୟର କୃଷିଭିତ୍ତିକ ତିନିଦିନିଆ ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି। ଆଜି ପହିଲି ରଜ, ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ। ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ। ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ। ପରମ୍ପରା ଅନୁସାରେ ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ଗାଁଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ରଜ ପର୍ବ ପାଳନ କରାଯାଇଥାଏ। ରଜରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ଦୋଳୀ ଖେଳିବାର ପରମ୍ପରା ରହିଛି । ପିଠାପଣା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ରଜପର୍ବର ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯିବା ସହିତ ଏହି ପର୍ବ ଶେଷ ହୋଇଥାଏ।

ଦେବଗଡ଼ ଜିଲ୍ଲାର ପୁରପଲ୍ଲୀରେ ରଜପର୍ବ ଉପଲକ୍ଷେ ବିଭିନ୍ନ ଗ୍ରାମରେ କଣ୍ଢେଇ ବାହାଘର ଜାକଜମକରେ ଅନୁଷ୍ଠିତ ହେଉଛି।

***Boudh/Sonepur/Desk***

# ରକ୍ତଦାତା ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି। ବ୍ଲଡ୍ ଗ୍ରୁପ୍‌ର ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍'ଙ୍କ

ଜନ୍ମଦିବସକୁ ସ୍ମରଣ କରିବା ପାଇଁ  ପ୍ରତ୍ୟେକ ବର୍ଷ ଆଜିର ଦିନକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **'ରକ୍ତଦାନ କରନ୍ତୁ, ଆଶା ସୃଷ୍ଟି କରନ୍ତୁ - ଉଭୟ ଜୀବନ ବଞ୍ଚାଇଥାଏ ।'**

ମାନବ ଜୀବନ ରକ୍ଷା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାର ସଂକଳ୍ପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟରେ ରକ୍ତର ବହୁତ ଆବଶ୍ୟକତା ରହିଛି ଏହାକୁ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ ଜାରି ରଖିବାକୁ ହେବ। ରକ୍ତଦାତା ଦିବସ ଅବସରରେ ରକ୍ତଦାନ ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବା ସହ ଜନସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ତାଲିମ କେନ୍ଦ୍ରଠାରେ ଆଜି ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ କରିଥିବା ସମାଜସେବୀ ଓ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଏନ୍.ଏ.ସି. ଚେୟାରମ୍ୟାନ୍ ମୃତ୍ୟୁଞ୍ଜୟ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଏ.ଡି.ଏମ୍.ଓ. କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ମଣିଷ ଜୀବନରେ ରକ୍ତର ଆବଶ୍ୟକତା ସମ୍ପର୍କରେ ମତପ୍ରକାଶ କରିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ ହେବା ସହ ସଚେତନତା କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

*Nuapada*

## ଖାଦ୍ୟ ପ୍ରତିଯୋଗିତା

ନୂଆପଡ଼ା ଜିଲ୍ଲାରେ ଚାଲିଥିବା ବିକାଶମେଳାର ଦ୍ୱିତୀୟ ଦିନରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ଖାଦ୍ୟ, ବିଭିନ୍ନ ବ୍ୟାଧିମୁକ୍ତ ଔଷଧୀୟ ଗୁଣଯୁକ୍ତ ଖାଦ୍ୟ ଲୋକମାନେ ଆପଣାଇବାକୁ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି । ପାରମ୍ପରିକ ଖାଦ୍ୟକୁ ପ୍ରାଥମିକତା ଦେଇ ସୁସ୍ଥ ଏବଂ ସୁଖଦ ଜୀବନଯାପନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମିଶନ ଶକ୍ତି ଆନୁକୂଲ୍ୟରେ ଜିଲ୍ଲା ପରିଚାଳନା ସୁନୀଲ କୁମାର ମଲ୍ଲିକ ପ୍ରତିଯୋଗିତାର ଆୟୋଜନ କରିଥିଲେ । ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା ।

*GNR*

## ନିଟ୍ ୟୁଜି ପରୀକ୍ଷାଫଳ

ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ଦ୍ୱାରା ପରିଚାଳିତ ନିଟ୍ ୟୁ.ଜି. ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ସ୍ନେହାଶିଷ ଦାସ ପରୀକ୍ଷାରେ ଓଡ଼ିଶାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଗତ ମଇ  ମାସ ୪ ତାରିଖରେ ଅନୁଷ୍ଠିତ ପରୀକ୍ଷାରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ଦେଶର ୫ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ରରେ ମୋଟ୍ ୧୩ଟି ଭାଷାରେ ପରୀକ୍ଷା କରାଯାଇଥିଲା । ଛାତ୍ରଛାତ୍ରୀମାନେ **nta.nic.in** ରେ ଏ ସମ୍ପର୍କିତ ଅଧିକ ତଥ୍ୟ ପାଇପାରିବେ ବୋଲି ଏନ୍.ଟି.ଏ ପକ୍ଷରୁ କୁହାଯାଇଛି ।

**********************************